# ଲେଡା ପୋକ ଦମନ ନିମନ୍ତେ ଚାଷୀ ଭାଇମାନଙ୍କ ପାଇଁ ବିଶେଷ ସୂଚନା

ଗଲାବର୍ଷ ରାଜ୍ୟରେ ବିଭିନ୍ନ କୃଷି ଜିଲ୍ଲାର କେତେକ ବ୍ଲକରେ ଲେଡାପୋକର ଆକ୍ରମଣ ଦେଖାଦେଇଥିଲା । ଚଳିତ ବର୍ଷ ମଧ୍ୟ ସମ୍ବଲପୁରଜିଲ୍ଲାର କେତେକ ଅଂଚଳରେ ଲେଡା ପୋକର ପାଦୁର୍ଭାବ ଘାସ ପଡିଆ ଓ ଧାନ ବିଲରେ ଦେଖାଦେଇଛି । ତେଣୁ ପରିସ୍ଥିତି ପ୍ରତି ନଜର ରଖିବାକୁ ଚାଷୀ ଭାଇମାନେ ଫସଲ ନିରୀକ୍ଷଣ ପ୍ରତି ବିଶେଷ ଭାବରେ ଧ୍ୟାନ ଦିଅନ୍ତୁ । ଖରିଫ ଋତୁରେ ଲଗାଣ ବର୍ଷାଯୋଗୁଁ , ବର୍ଷାପାଣି ଜମି ରହିଲେ କିମ୍ବା ନଦୀ ବଢି ଆସି ଧାନଗଛ ବଢି ପାଣିରେ ବୁଡି ରହିଲେ ଓ ପାଣି ଛାଡିଗଲା ପରେ ବୁଣା ଯାଇଥିବା ଧାନ ଫସଲରେ ଏହି ପୋକ ଦଳବଦ୍ଧ ଭାବରେ ଆକ୍ରମଣ କରିବାର ଦେଖାଯାଇଥାଏ । ବର୍ଷା କିମ୍ବା ବଢି ପରେ ଶୁଖିଲା ଓ ଖରାପାଗ ଲାଗି ରହିଲେ ଲେଡା ପୋକମାନଙ୍କର ସଂଖ୍ୟା ଖୁବ ଶୀଘ୍ର ବଢେ । ସଂଖ୍ୟା ବଢିବା ସଂଗେ ସଂଗେ ଏହି ପୋକ ଗୋଟିଏ ସ୍ଥାନରେ ଫସଲ ଖାଇବା ପରେ ପରେ ଦଳ ବଦ୍ଧ ହୋଇ ଅନ୍ୟ ଧାନ କିଆରୀ ତଥା ଅଣ ଧାନ ଫସଲକୁ ମଧ୍ୟ ଆକ୍ରମଣ କରନ୍ତି । ରାତ୍ରି ସମୟରେ ଲେଡା ପୋକ ସକ୍ରୀୟ ରହି ଫସଲକୁ ନଷ୍ଟ କରନ୍ତି ଏବଂ ଏମାନଙ୍କର ସଂଖ୍ୟା ଅଧିକ ବଢିଗଲେ ଦିନ ବେଳା ମଧ୍ୟ ପତ୍ରକୁ ଖାଇ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଅନ୍ତି ।

ଲେଡା ପୋକର ପ୍ରଜାପତି ଇଷତ୍ କଫି ବାଦାମୀ ରଙ୍ଗର ଏବଂ ଏହାର ଡେଣାରେ କଳାଦାଗ ଦେଖିବାକୁ ମିଳେ । ପୂର୍ଣ୍ଣାଙ୍ଗ ଶଳଭଟି ୪୫ ମି.ମି ଲମ୍ବା ହୋଇଥାଏ ତଥା ଧୂସର ସବୁଜ ରଙ୍ଗର ଦେହରେ ହଳଦୀ ରଙ୍ଗର ଗାର ଦେଖିବାକୁ ମିଳିଥାଏ । ଏହି ପୋକ ଅଣ୍ଡା ଅବସ୍ଥାରେ ୩ ଦିନ , ଖୋଷା ଅବସ୍ଥାରେ ୧୪ ଦିନ ତଥା ଶଳଭ ଅବସ୍ଥାରେ ୨୫-୩୦ ଦିନ ରହିଥାଏ । ଲେଡାପୋକର ଦଳବଦ୍ଧ ଆକ୍ରମଣ ପ୍ରକୃତି ଯୋଗୁଁ ଅଳ୍ପ ସମୟ ମଧରେ ଫସଲର ବ୍ୟାପକ କ୍ଷତି ହେବାର ଲକ୍ଷଣ ଦେଖାଯାଇଥାଏ । ଏହି ପୋକମାନେ ଗଛର ପତ୍ର ଖାଇବା ଯୋଗୁଁ ଗଛ ଥୁଣ୍ଟା ଦେଖାଯାଏ । ଏହି ପୋକମାନଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଲେ ଖାଲୁଆ ଜମିମାନଙ୍କରେ ୨-୩ ବର୍ଷ ବ୍ୟବଧାନରେ ବା ପ୍ରତି ବର୍ଷ ଏହି ପୋକ ଦେଖାଯାଏ । ପୋକର ଶଳଭ ନଦୀ ସ୍ରୋତରେ ବା ପାଣି ଧାରରେ ବୁଦାମୂଳରୁ ଭାସି ଭାସି ଫସଲ କିଆରିରେ କ୍ଷତି କରିଥାନ୍ତି ।

ଏହି ମାରାତ୍ମକ ଲେଡା ପୋକର ଦମନ ପାଇଁ ଚାଷୀଭାଇମାନେ ଅଳ୍ପ ଖର୍ଚ୍ଚରେ ନିଜେ କରିପାରୁଥିବା ସହଜ ଉପାୟ ଯଥା-

୧) ଧାନ କ୍ଷେତରେ ହୁଡା ସଫା ରଖନ୍ତୁ ଏବଂ ଅନାବନା ଘାସ ଗଛକୁ ନଷ୍ଟ କରନ୍ତୁ ।

୨) ଧାନ ବେଉଷଣ ଅବସ୍ଥାରେ ଥିଲେ ତୁରନ୍ତ ବେଉଷଣ କରନ୍ତୁ ।

୩) ଏକର ପ୍ରତି ୨୦ ଗୋଟି ୭-୮ ଫୁଟ ଉଚ୍ଚାର କେନା ଥିବା ବାଡି ପୋତନ୍ତୁ , ଏଥିରେ ବଣି, ଘରଚଟିଆ, ବାଘ୍ୟା ଚଡେଇ, କଜଳପାତି ଇତ୍ୟାଦି ଶିକାରୀ ପକ୍ଷୀ ଆସି ବସିବେ ଏବଂ କିଆରିରୁ ଲେଡା ପୋକକୁ ଖୁଣ୍ଟି ଖାଇବେ ।

୪) ପୋଷା ବତକ ଥିଲେ ଗହୀର ଜମିରେ ଏକର ପ୍ରତି ୫-୭ ଟି ବତକ କିଆରିରେ ଛାଡନ୍ତୁ ।

୫) ଆଲୋକ ଜନ୍ତାର ବ୍ୟବହାର କରନ୍ତୁ ।

୬) ଆର୍ଥିକ ଦେହଳୀ ସୀମା ଟପିଲେ ତୁରନ୍ତ ପାଗକୁ ଦେଖି ଅପରାହ୍ନ ସମୟରେ ଏକର ପ୍ରତି ୪୦୦ ମି.ଲି କୁଇନାଇଫସ୍ କିମ୍ବା ଏଣ୍ଡୋସଲଫାନ୍ କିମ୍ବା କ୍ଲୋରୋପାଇରିଫସ ଓ କିମ୍ବା ଟ୍ରାଏଜୋଫସ୍ (ପ୍ରତି ଲିଟର ପାଣିରେ ୨ମିଲି) ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ୧୦ କିଲୋଗ୍ରାମ ମିଥାଇଲ ପାରାଥିଅନ / କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ । କିଆରି ଚାରିପଟେ ଥିବା ହୁଡାରେ ବହଳିଆ ଭାବରେ ଏ ଗୁଣ୍ଡ ସିଞ୍ଚନ କଲେ କିଆରି ଭିତରକୁ ଏ ପୋକ ପ୍ରବେଶ କରିପାରିବେ ନାହିଁ ।

ଲେଡା ପୋକର ଦମନ ପାଇଁ କୃଷି ବିଭାଗ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଅଛି । ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜାନାରେ ଏ ପୋକ ଦମନ ପାଇଁ ବ୍ୟବହୃତ ହେଉଥିବା କୀଟନାଶକ ଉପରେ ହେକ୍ଟର ପ୍ରତି ଧାନ ଫସଲ ପାଇଁ ସର୍ବୋଚ୍ଚ ୫୦୦ଟଙ୍କା କିମ୍ବା ଶତକଡ଼ା ୫୦ଭାଗ ରିହାତିର ବ୍ୟବସ୍ଥା ରହିଅଛି । ଏହାଛଡା ଶତକଡା ୫୦ଭାଗ (ସର୍ବାଧିକ ୩୦୦୦ଟଙ୍କା) ରିହାତିରେ ସିଞ୍ଚନ ଯନ୍ତ୍ର ମଧ୍ୟ ଏ ପୋକ ଆକ୍ରମଣ କରିଥିବା ଅଂଚଳରେ ଚାଷୀମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଚାଷୀ ଭାଇମାନେ ନିକଟସ୍ଥ କୃଷି ଅଧିକାରୀଙ୍କ ଠାରୁ ରିହାତି ପ୍ରମାଣପତ୍ର ନେଇ ଅଧିକୃତ ବିକ୍ରେତାଙ୍କ ଠାରୁ ଏସବୁ କିଣି ଲେଡା ପୋକ ଦମନ କରିବାକୁ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଉଛି । ଏତଦ ବ୍ୟତୀତ ଆମ ରାଜ୍ୟର ଅବିଭକ୍ତ ୫ଟି ଜିଲ୍ଲା ତଥା ସୁନ୍ଦରଗଡ , ବଲାଙ୍ଗିର, ସମ୍ବଲପୁର, କଳାହାଣ୍ଡି ଓ କୋରାପୁଟ ରେ **ରାଷ୍ଟ୍ରୀୟ କୃଷି ଯୋଜନା-୨ୟ ସବୁଜ ବିପ୍ଳବ ଅନ୍ତର୍ଭୁକ୍ତ** ଇ-ରୋଗ ପୋକ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ କରାଯାଇଛି ଓ [illegible] ମନିଟର ଏବଂ ସ୍କାଉଟ ମାନଙ୍କୁ ନିଯୋଜିତ କରାଯାଇ କେଉଁ ଗ୍ରାମରେ କେଉଁ ପୋକ ରୋଗ ଲାଗିଛି ଏହାର ତଥ୍ୟ ଇଣ୍ଟରନେଟ ମାଧ୍ୟମରେ ସଂଗ୍ରହ କରାଯାଇଛି , ଏହି ସ୍କାଉଟ ଓ ମନିଟର ମାନଙ୍କୁ ଯୋଗା ଯୋଗ କରନ୍ତୁ ଓ ବିଭିନ୍ନ ରୋଗ-ପୋକ ଦାଉରୁ ନିଜ ଫସଲକୁ ସୁରକ୍ଷା ପ୍ରଦାନ କରନ୍ତୁ ।

ନିର୍ଦ୍ଦେଶକ,
କୃଷି ଓ ଖାଦ୍ୟ ଉତ୍ପାଦନ , ଓଡିଶା